# ପୁଷ୍ଟି ସାଧନ ପାଇଁ ବିଭିନ୍ନ ପ୍ରକାରର ପନିପରିବା ଗୃଷ



**ନାମ : ଉଦ୍ଧବ ନାୟକ**

ଗ୍ରାମ : ବାଣୁଆଗୁଡ଼ା,
ପଞ୍ଚାୟତ ସମିତି : ବୈପାରିଗୁଡ଼ା, ଜିଲ୍ଲା : କୋରାପୁଟ

ବୟସ : ୩୩ ବର୍ଷ

ଜାତି : ଭୂମିଆ (ଆଦିବାସୀ)

ବୃତ୍ତି : କୃଷି (୬ ଏକର)

ପରିବାର ସଂଖ୍ୟା : ୫ (୩ ବୟସ୍କ, ୨ ଶିଶୁ)

ମୋର ସମୁଦାୟ ୬ ଏକର ଜମି ମଧ୍ୟରୁ, ମୁଁ ୩ ଏକର ଖାଲ ଜମିରେ ଧାନ; ଏବଂ ୩ ଏକର ଢିପ ଜମି ମଧ୍ୟରୁ ୧.୫ ଏକର ଜମିରେ ନିଳଗିରି ଓ ଅନ୍ୟ ୧.୫ ଏକର ଜମିରେ ମାଣ୍ଡିଆ ସହ ବେଳେବେଳେ ଟମାଟୋ ଓ ବାଇଗଣ ଆଦି ପନିପରିବା ଗୃଷ କରେ । ଧାନ ଓ ମାଣ୍ଡିଆ ଗୃଷରୁ ବହୁତ୍ କମ୍ ଉତ୍ପାଦନ ମିଳୁଥିଲା । ମୁଁ ସାଧାରଣତଃ ନିକଟସ୍ଥ ବଜାରରେ ପନିପରିବା ବିକି ସେଥିରୁ ମିଳୁଥିବା ଅର୍ଥରେ ଘରର ଖାଦ୍ୟ ପାଇଁ ଆବଶ୍ୟକ ହେଉଥିବା ମାଣ୍ଡିଆ କିଣିବା ସହ ଘରର ଅନ୍ୟାନ୍ୟ ଖର୍ଚ୍ଚରେ ସାହାଯ୍ୟ କରୁଥିଲି । ୨୦୧୪ ମସିହାରେ ଏମ୍. ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ ତା'ର ଲାନ୍ସା ପ୍ରକଳ୍ପ ଅଧିନରେ ଘରୋଇ ଖାଦ୍ୟଶସ୍ୟର ଉତ୍ପାଦନ ବୃଦ୍ଧି ପାଇଁ ଉନ୍ନତ ଗୃଷ ପ୍ରଣାଳୀ ସହ ବିଭିନ୍ନ ତାଲିମ ଓ ସଚେ଼ତନତା କାର୍ଯ୍ୟକ୍ରମ ଆରମ୍ଭ କଲା । ସେମାନେ ପାରିବାରିକ ସ୍ତରରେ ସୁଷମ ଖାଦ୍ୟର ଉପଲତା ପାଇଁ ବିଭିନ୍ନ ପ୍ରକାରର ପନିପରିବା ଚାଷ କରିବା ପାଇଁ ପ୍ରୟାସ ମଧ୍ୟ କରିଥିଲେ । ପ୍ରକଳ୍ପ ଅଧିନରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସହ ସେମାନଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ପରେ, ୨୦୧୬ ମସିହାରେ ଉନ୍ନତ ପ୍ରଣାଳୀରେ ମାଣ୍ଡିଆ ଗୃଷ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ପନିପରିବା ଗୃଷ କରିବା ପାଇଁ ଉଦ୍ୟମ କଲି ।

୨୦୧୬ ଖରିଫ୍ ଋତୁରେ ମୋର ୧.୫ ଏକର ଜମିରେ ଜି.ପି.ୟୁ–୬୭ ନାମକ ଏକ ଅଧିକ ଅମଳକ୍ଷମ ଯୁକ୍ତ ମାଣ୍ଡିଆ କିସମକୁ ଧାଡ଼ିରେ ରୋପା କରିବା ସହିତ ଆବଶ୍ୟକୀୟ ଅନୁମୋଦିତ ଉନ୍ନତ ଗୃଷ ପଦ୍ଧତି ଅବଲମ୍ବନ କଲି । ମାଣ୍ଡିଆ ଅମଳ ପରେ ସେହି ବର୍ଷ ରବି ଋତୁରେ ସେହି ଜମିରେ ନାଲିଖଡ଼ା, ଧନିଆ, ପୋଇ, କମଳାରଙ୍ଗଯୁକ୍ତ କନ୍ଦମୂଳ, ଟମାଟୋ, ବିନ୍ସ, ମଟର, ଫୁଲକୋବି, ଲଙ୍କା ଓ ପିଆଜ ଆଦି ପନିପରିବା ଗୃଷ କଲି ।

ଧାଡ଼ି ରୋପା ପଦ୍ଧତିରେ ମାଣ୍ଡିଆ ଗୃଷ କରି ମୁଁ ସେହି ଜମିରୁ ୧ ଏକର ପ୍ରତି ୪୦୦ କି.ଗ୍ରା. ହିସାବରେ ମାଣ୍ଡିଆ ଉତ୍ପାଦନ କଲି, ଯେଉଁଠାରୁକି ଆଗରୁ ଏକର ପ୍ରତି ପ୍ରାୟ ୨୦୦ କି.ଗ୍ରା. ଅମଳ କରିପାରୁଥିଲି । ଘରର ଖାଇବା ପାଇଁ ବିଭିନ୍ନ ପ୍ରକାରର ଶାଗ ଯଥା:– ନାଲି ଖଡ଼ା, ପୋଇ, ଧନିଆ ପତ୍ର ସହିତ ବିନ୍ସ, ମଟର, ଫୁଲକୋବି, ଟମାଟୋ ଏବଂ କମଳାରଙ୍ଗଯୁକ୍ତ କନ୍ଦମୂଳ ମଧ୍ୟ ପାଇଲି । ଏହା ସହିତ ୦.୩ ଏକର ପରିମିତ ଜମିରୁ ୩୦୦ କି.ଗ୍ରା. ପିଆଜ ଅମଳ ପାଇଲି । ସେଥିରୁ ୧୦୦ କି.ଗ୍ରା. ଘରର ବ୍ୟବହାର ପାଇଁ ରଖି ଅବଶିଷ୍ଟ ୨୦୦ କି.ଗ୍ରା. କୁ କି.ଗ୍ରା. ପ୍ରତି ୧୫ଟଙ୍କା ଦରରେ ନିକଟସ୍ଥ ସାପ୍ତାହିକ ହାଟରେ ବିକ୍ରି କଲି । ଲଙ୍କା ଗୃଷରୁ ଘରର ଆବଶ୍ୟକତା ପାଇଁ ଉଭୟ କଞ୍ଚାଲଙ୍କା ଓ ଶୁଖିଲା ଲଙ୍କା ପାଇବା ସହିତ ପ୍ରାୟ ୩୦୦ କି.ଗ୍ରା. ଲଙ୍କାକୁ କି.ଗ୍ରା. ପ୍ରତି ୩୦ଟଙ୍କା ଦରରେ ବିକ୍ରି କଲି । ୨୦୧୭ ମସିହାରେ ପ୍ରକଳ୍ପ ଅଧିନରେ ମିଳିଥିବା ଏକ ନୂଆ ସଅଳ କିସମ କାନ୍ଦୁଲ ବିହନକୁ ୦.୧୫ ଏକର ଜମିରେ ପରୀକ୍ଷାମୂଳକ ଭାବେ ମକା ସହିତ ଅନ୍ତଃଚାଷ କଲି ଏବଂ ସେଥିରୁ ମକା ସହିତ ୨୦ କି.ଗ୍ରା. କାନ୍ଦୁଲ ପାଇଲି । ସମୁଦାୟ କାନ୍ଦୁଲକୁ ଘରେ ଖାଇବା ପାଇଁ ବ୍ୟବହାର କଲି ଏବଂ କିଛି ପରିମାଣରେ ମକା ବଜାରରେ ବିକ୍ରି କଲି ।

ମୁଁ ବର୍ତ୍ତମାନ ବିଭିନ୍ନ ପ୍ରକାରର ପନିପରିବା ସହିତ, ମାଣ୍ଡିଆ, କମଳାରଙ୍ଗଯୁକ୍ତ କନ୍ଦମୂଳ, ମକା, କାନ୍ଦୁଲ ଆଦି ଗୃଷ କରିଆସୁଅଛି, ଯାହାକି ପରିବାରର ଖାଦ୍ୟ ଆବଶ୍ୟକତାକୁ ପୂରଣ କରିବା ସଙ୍ଗେ ସଙ୍ଗେ ଅବଶିଷ୍ଟକୁ ବିକ୍ରି କରି କିଛି ଅର୍ଥ ମଧ୍ୟ ଉପାର୍ଜନ କରିପାରୁଛି । ସେହି ଅର୍ଥରେ ମୁଁ ବିଭିନ୍ନ ପ୍ରକାର ଫଳ, ମାଛ, ମାଂସ ଆଦି ଖାଦ୍ୟଦ୍ରବ୍ୟ ବଜାରରୁ କିଣିବା ପାଇଁ ସକ୍ଷମ ହୋଇପାରିଛି । ମୋର ଘରର ଖାଦ୍ୟ ଥାଳି ଏବେ ବିଭିନ୍ନ ରଙ୍ଗ ବେରଙ୍ଗ ହୋଇପାରିଛି ଏବଂ ଆମେ ସପରିବାର ଖୁସିରେ ଅଛୁ ।




ଲେଖା ଓ ପ୍ରସ୍ତୁତି: **ସୁଶାନ୍ତ କୁମାର ମିଶ୍ର,**
ପ୍ରକଳ୍ପ ସହାୟକ,
ଏଫ୍.ଏସ୍.ଏନ୍. ଅଧ୍ୟୟନ, ଲାନ୍ସା



LANSA Leveraging Agriculture for Nutrition in South Asia

MSSRF Science For Sustainable Development